# ଐନସ

**("ଐନସ" ପାପ, ଦୋଷ ଓ ବିଦ୍ରୋହ ଅର୍ଥରେ ବ୍ୟବହାର କରାଯାଇଛି)**

କହୁଛ ଆମେ ପାପ କରୁଛୁ

ଦୋଷ କରୁଛୁ, ବିଦ୍ରୋହ କରୁଛୁ

ଦେଶଦ୍ରୋହୀ, ରାଜଦ୍ରୋହୀ ସାଜିଛୁ

"ବିର୍ଶା ମୁଣ୍ଡା" ରୁ ମାଓବାଦୀ ପାଲଟିଛୁ

ଯଦି କରିଛୁ ବେଶ କରିଛୁ ;

ହଁ ପାପ ଆମେ ହିଁ କରିଛୁ

ଜନ୍ମ ଭୂମି ପାଇଁ , ଭିଟାମାଟି ପାଇଁ

ବାପ ଗୋଶାପ ଘର ବାଡି ପାଇଁ

ପେଟ ଚାଖାଣ୍ଡକ ପାଇଁ,

ସ୍ୱାଧିକାର ସାବ୍ୟସ୍ତ କରିବା ପାଇଁ

କ୍ଷୋଭ ନାହିଁ , ଦୁଃଖ ନାହିଁ,

ଅନୁଶୋଚନା, ଅନୁତାପର ପ୍ରଶ୍ନ ହିଁ ଉଠୁନି ।

ନା ଛୁଇଁ ପାରିବ ଆମକୁ କଳଙ୍କ

ନା ହେବୁ ନତମସ୍ତକ

କରିବୁ ଆମେ ବିକ୍ଷୋଭ

ଶେଷ ରକ୍ତ ବିନ୍ଦୁ ଥିବାଯାଏ

ଦେହରେ ପ୍ରାଣ ଥିବାଯାଏ

ସୂର୍ଯ୍ୟ ପୂର୍ବ ଦିଗେ ଉଇଁଥିବାଯାଏ ।

କାହିଁ ସେଦିନ ତ ଚୁପଥିଲ

ସ୍ଥିରଥିଲା ତୁମ ଅବୟବ, ସମଗ୍ର ଶରୀର

ଆଙ୍ଗୁଳି ନିର୍ଦ୍ଦେଶର ନଥିଲା ସାହସ

ଯେବେ ପାଣ୍ଡବେ କରୁଥିଲେ ପ୍ରତିବାଦ

"ଦେବିନି ସୂଚ୍ୟାଗ୍ରେ ମେଦିନୀ ...." ର

ଦୁର୍ଯୋଧନ ସ୍ପର୍ଦ୍ଧାର , ମାମା ଶକ୍କୁନି ପଶା ଖେଳର

ସେବେ

"ଯଦା ଯଦା ହି ଧର୍ମାସ୍ୟ ...." ଭଜି ହେଉଥିଲ

ଅଧର୍ମ ବିରୁଦ୍ଧ ରେ ଧର୍ମର ଜୟ ହେଉ ଭାଳି ହେଉଥିଲ

ଆଜି କଣ ଲୋପ ପାଇଯାଇଛି ଧର୍ମ ,

ହଜି ଯାଇଛି କୃଷ୍ଣ ସଂଭାଷଣ,

ହାରି ଯାଇଛି ଅର୍ଜୁନ ?

ଥକି ଯାଇଛନ୍ତି ଅବା

ଶୈବ୍ୟ, ସୁଗ୍ରୀବ, ମେଘପୁଷ୍ପ ଆଉ ବଳାହକ

ପାଲଟିଛି କି ପଞ୍ଚଜନ୍ୟ ମୂକ ?

ସେସବୁକୁ ତ ଆମେ ଦୋହରାଉଛୁ

ଆଉ ଏକ ମହାଭାରତ ର ଆହ୍ୱାନ କରୁଛୁ

ଜମିମାଫିଆଙ୍କ ବିରୁଦ୍ଧରେ,

ଖଣି ଚୋରଙ୍କ ବିପକ୍ଷରେ ,

ଜଙ୍ଗଲଦସ୍ୟୁଙ୍କ ଉଦେଶ୍ୟରେ ।

ହଁ ହଁ ହୋଇଛୁ ସାମିଲ

"ଉଠରେ, ଉଠରେ ଉତ୍କଳ ସନ୍ତାନ ..."ର

ପ୍ରତିଟି ଅକ୍ଷର ରେ, ଶବ୍ଦ ରେ , ପଦ ରେ

ମିଶିଯାଇଛି ସ୍ୱର ରେ ସ୍ୱର

କହୁଛୁ ଏକା ସ୍ୱର ରେ

"ଉଠ କଙ୍କାଳ, ଜାଗ ଦୁର୍ବଳ , ଛିଡୁ ଶୃଙ୍ଖଳ ..."

ଯିଏ ଯାହା କହୁ ଫରକ ପଡିବନି କିଛି

ତିଳେବି ଛୋଟ ହେବୁନି ଆମେ

ଜାଣ କାହିଁକି

ଯେମିତି ବଡ ତୁମ ପାଇଁ

    ତୁମ କୋଠା ବାଡି , ମଖ ମଲ ରାଜ ନଅର

ସେମିତି ଆମକୁ ବଡ

    ଆମ ଛ' ମାଣ ଆଉ ନୂଆଁଣିଆ ଚାଳଘର ;

ହୋଇପାରେ  ଆହ୍ୱାନ

    ତୁମ ପାଇଁ ବିଷ ଅବା ଐନସ

ଆମ ପାଇଁ ସେସବୁ

    ହୃଦୟର ଭାଷ ଆଉ ଗରମ ନିଶ୍ୱାସ ।

**("ଐନସ" ପାପ, ଦୋଷ ଓ ବିଦ୍ରୋହ ଅର୍ଥରେ ବ୍ୟବହାର କରାଯାଇଛି)**

ହିମାଂଶୁ ଶେଖର ବିଶ୍ୱାଳ

୩୦-୦୩-୨୦୧୨, ମିଚିଗାନ, ଯୁକ୍ତରାଷ୍ଟ୍ର ଆମେରିକା